P. R. 144/2026

# ତହସିଲଦାରଙ୍କ ଅଦାଲତ, ଝୁମ୍ପୁରା

ଆଲାଏନେଶନ ମାମଲା ସଂଖ୍ୟା – ୧୪/୨୦୨୫

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିରେ, **ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମନୋହରପୁରର** ଗୃହ ନିର୍ମାଣ ନିମନ୍ତେ , ଗୋଷ୍ଠି ଶିକ୍ଷା ଅଧିକାରୀ, ଝୁମ୍ପୁରା ଆବେଦନ କରିଛନ୍ତି। ଉକ୍ତ ଜମି ସରକାରୀ ଆବାଦ ଯୋଗ୍ୟ ଅନାବାଦି ଖାତାରେ ଥାଇ ଏହାର କିସମ ପତିତ ଓ ଘରବାରୀ ରହିଅଛି। ଉକ୍ତ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମନୋହରପୁର ର ଗୃହ ନିର୍ମାଣ ନିମନ୍ତେ "ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ଓଡିଶା ସରକାର ମାର୍ଫତ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମନୋହରପୁର ନାମେ ବନ୍ଦୋବସ୍ତ କରାଯିବା ପାଇଁ ସ୍ଥିର କରାଯାଇଅଛି । ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷ/ସଂପୃକ୍ତ,ଗ୍ରାମବସୀ /ଗ୍ରାମ ପଞ୍ଚାୟତଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତା ହେଲେ ସେ/ସେମାନେ ଏହି ଇସ୍ତାହାର ପ୍ରକାଶନର ୧୫ ଦିନ ମଧ୍ୟରେ ସେମାନଙ୍କର ଆପତ୍ତି ଅଭିଯୋଗ ଲିଖିତ ଆକାରରେ ଟ. ୨୦.୦୦ଙ୍କା (କୋଡିଏ ଟଙ୍କା) ର କୋର୍ଟ ଫୀ ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ । ନିର୍ଦ୍ଧାରିତ ସମୟ ପରେ କୌଣସି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବ ନାହିଁ ।

## ତଫସିଲ

### ମୌଜା- ମନୋହରପୁର

| ଖାତା ନଂ | ପ୍ଲଟ ନଂ. | ମୋଟ ରକବା (ଏକରରେ) | ପ୍ରସ୍ତାବିତ ରକବା (ଏକରରେ) | କିସମ |
|---|---|---|---|---|
| ୫୧ (ଆ.ଯୋ.ଅ.) | ୩୨୧ | ୦.୪୬୦ | ୦.୪୬୦ | ଘରବାରୀ |
| | ୩୩୨ | ୧.୬୦୦ | ୧.୬୦୦ | ପତିତ |
| | ୨ଟି ପ୍ଲଟ | ୨.୦୬୦ | ୨.୦୬୦ | |

6.2.26

ତହସିଲଦାର, ଝୁମ୍ପୁରା

TAHASILDAR

JHUMPURA

ଏହାର ଏକକିତ ନକଲ ସଂପୃକ୍ତ ଗ୍ରାମରେ ଢକ ବାଜି ଜନ୍ତ୍ର ଦ୍ୱାରା ପ୍ରଚାର/ପ୍ରସାର ପାଇଁ ପ୍ରେରିତ କରାଗଲା। ଅନ୍ୟ ଏକକିତ ନକଲ District Website:www.kendujhar.odisha.gov.in ରେ ପ୍ରକାଶନ ପାଇଁ/ ଅନ୍ୟ ଏକକିତ ନକଲ ସଂପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ଏବଂ ଅନ୍ୟ ଏକକିତ ନକଲ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ପ୍ରକାଶନ ପାଇଁ ପ୍ରେରିତ କରାଗଲା।

6.2.26

ତହସିଲଦାର, ଝୁମ୍ପୁରା

TAHASILDAR

JHUMPURA

OFFICE OF THE TAHASILDAR JH...

Scanned with OKEN Scanner